# ତହସିଲ୍ କାର୍ଯ୍ୟାଳୟ, ସଦର କଟକ

ବିଜ୍ଞାପନ ନଂ:- 7433 ତା :- 6.11.18

ଏତଦ୍ ଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ କଟକ ସଦର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସଗୁଡିକ ସନ୍ **2018-19** ବର୍ଷ ନିମନ୍ତେ ଆସନ୍ତା ତା- **14-11-2018** ରିଖ ଅପରାହ୍ନ **3:30** ଘଟିକା ସମୟରେ ଉପଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବା ନିମନ୍ତେ ଟେଣ୍ଡର ଆହ୍ଵାନ କରାଯାଉଅଛି | ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ସଦର ତହସିଲଦାର ଙ୍କ କାର୍ଯ୍ୟାଳୟ ଏବଂ website ରୁ କାର୍ଯ୍ୟଦିବସ ଓ ସମୟ ମଧ୍ୟରେ ଅସ୍ଥାୟୀ ସାଇକେଲ ଷ୍ଟାଣ୍ଡର ତଥା ଉତ୍ସର ନମ୍ବର, ନାମ, ପ୍ଲଟ୍ ସମ୍ପର୍କିତ ଅନ୍ୟାନ୍ୟ ସୂଚନା ସହିତ ଧାର୍ଯ୍ୟ ମୂଲ୍ୟ ଦେଖି ସାଧା କାଗଜରେ ନିଜର ନାମ ଓ ସମ୍ପୂର୍ଣ୍ଣ ଠିକଣାସହ ସୈରାତ ଉତ୍ସର ନମ୍ବର ଏବଂ ନାମ ତଥା ଉତ୍ସଟିକୁ କେତେ ଟଙ୍କାରେ ନିଲାମ ନେବାକୁ ଚାହାଁନ୍ତି ତାହା ଉଲ୍ଲେଖ କରି ଦସ୍ତଖତ ସହ ଜଉମୁଦ ଲଫାପାରେ **Registered / Registered Speed-Post** ମାଧ୍ୟମରେ ଉପ-ଜିଲ୍ଲାପାଳ, ସଦର କଟକଙ୍କ କାର୍ଯ୍ୟାଳୟକୁ ନିମ୍ନଲିଖିତ ଠିକଣାରେ ପଠାଇବେ -

**Office of the Sub-Collector, Sadar, Cuttack, At/Po- Chandini Chowk, P.S. - Lalbag, Pin- 753002, Dist.-Cuttack.**

ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ଅପରାହ୍ନ **3** ଘଟିକା ତା-14-11-2018. ବନ୍ଦ ଲଫାପା ଉପରେ **Tender Paper for Temporary Cycle Stand at Baliyatra-2018** ଲେଖା ରହିବ | ଉତ୍ସର ମୂଲ୍ୟ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯାଇପାରେ | ଟେଣ୍ଡର ଦରଖାସ୍ତ ସହିତ ସରକାରୀ ଧାର୍ଯ୍ୟମୂଲ୍ୟର ଦଶ ଶତାଂଶ **(10%)** ଅମାନତ ଟଙ୍କା ବ୍ୟାଙ୍କ୍ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରିବେ | ଏହି ବ୍ୟାଙ୍କ୍ ଡ୍ରାଫ୍ଟଟି ତହସିଲଦାର ସଦର କଟକଙ୍କ ସପକ୍ଷରେ ଓ ଦେୟ **(Payable S.B.I. Main Branch, Cuttack)** ହୋଇଥିବା ଆବଶ୍ୟକ, ଯେଉଁ ବ୍ୟକ୍ତି ବିଶେଷ ବିଗତ ବର୍ଷର ସୈରାତ ବାବଦକୁ ବକେୟା ଦେୟ ପରିଶୋଧ କରି ନଥିବେ ସେ ନିଲାମରେ ଭାଗ ନେଇ ପାରିବେ ନାହିଁ | ବାଲିଯାତ୍ରା ପଡିଆରେ ଯାତ୍ରା ସମାପ୍ତ ଦିନ ଠାରୁ **"ସିଟି ଫେଷ୍ଟିଭାଲ୍"** ଅନୁଷ୍ଠିତ ହେବାର ସମ୍ଭାବନା ଥିବାରୁ ସାଇକେଲ୍ ଷ୍ଟାଣ୍ଡ ର ମିଆଦ ସେତିକି ଦିନ ବୃଦ୍ଧି ପାଇପାରେ । ଏଣୁ ନିଲାମଧାରୀ ବ୍ୟକ୍ତି ବର୍ଦ୍ଧିତ ରାଜସ୍ୱ ତଦ୍ ଅନୁଯାୟୀ ପୈଠ କରିବେ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତି ନିଲାମ ଯଥାକ୍ରମେ 16/11/2018 ଏବଂ 19/11/2018 (ଦିବା 11 ଘଟିକା) ସମୟରେ ଅନୁଷ୍ଠିତ ହେବ ।

6/11/18

ତହସିଲଦାର, ସଦର, କଟକ

# ସର୍ତ୍ତାବଳୀ

1. ନିଲାମ ଗ୍ରହିତା ଧାର୍ଯ୍ୟ କରାଯାଇଥିବା ମହାସୁଲ ଯାନଗୁଡ଼ିକରୁ ନିମ୍ନମତେ ଆଦାୟ କରିବେ|

| | | |
|---|---|---|
| ସାଇକେଲ୍ | - | ଟ.5.00 |
| ଦୁଇ ଚକିଆ ଯାନ | - | ଟ.20.00 |
| ଚାରି ଚକିଆ ଯାନ | - | ଟ.50.00 |

2. ମହାସୁଲର ଏକ ତାଲିକା ସଂପୃକ୍ତ ଷ୍ଟାଣ୍ଡ ର ସମ୍ମୁଖ ଭାଗରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବେ, ଉକ୍ତ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରିପାରିବେ ନାହିଁ |

3.Ticket Format ତଥା ବିଭିନ୍ନ ପ୍ରକାର ଯାନ ପାର୍କିଂ ପାଇଁ ମଧ୍ୟ ପ୍ରଶାସନ ମୂଲ୍ୟ ଧାର୍ଯ୍ୟ କରିଛନ୍ତି | ନିଲାମଧାରୀ କେବଳ ପ୍ରଶାସନ ଦ୍ୱାରା ଧାର୍ଯ୍ୟ ହୋଇଥିବା Format ରେ Ticket Print କରିବେ ଏବଂ ନିର୍ଦ୍ଦିଷ୍ଟ ଯାନଠାରୁ କେବଳ ଧାର୍ଯ୍ୟ ମୂଲ୍ୟ ଅସୁଲ କରିବେ |

4. ଏ ବାବଦରେ ଏକ ମୁଖଲିକା ପତ୍ର ଦେବେ, ଯଦି କୌଣସି ନିଲାମଧାରୀ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରନ୍ତି ତେବେ ଉକ୍ତ ନିଲାମକୁ ରଦ୍ଦ କରଦିଆଯିବ ଏବଂ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବ |

5. କୌଣସି କାରଣ ନଦର୍ଶାଇ ନିଲାମ ଅଧିକାରୀ ନିଲାମକୁ ସ୍ଥଗିତ ବା ରଦ୍ଦ କରିପାରିବେ|

6. ପ୍ରଶାସନ ଦ୍ୱାରା ବିଭିନ୍ନ ଅସ୍ଥାୟୀ ସାଇକେଲ୍ ଷ୍ଟାଣ୍ଡ ପାଇଁ ଅଲଗା ଅଲଗା ରଙ୍ଗର ଟିକେଟ୍ ସ୍ଥିର କରାଯାଇଛି | ମନୋନିତ ନିଲାମଧାରୀ କେବଳ ସେହି ସ୍ଥିରୀକୃତ ରଙ୍ଗର ଟିକେଟ୍ ଛପାଇବେ |

7. ପ୍ରତ୍ୟେକ ନିଲାମଧାରୀ ଷ୍ଟାଣ୍ଡ ନମ୍ବର ତଥା ନାମ ଏବଂ ପ୍ରଶାସନ ଦ୍ୱାରା ବିଭିନ୍ନ ଯାନପାଇଁ ଧାର୍ଯ୍ୟ କରାଯାଇ ଥିବା ମୂଲ୍ୟକୁ ଉଲ୍ଲେଖ କରି ଦୂରକୁ ଦେଖାଗଲାପରି ନିଜ ଖର୍ଚ୍ଚରୁ Flex Printing କରି Banner ମାରିବେ |

8. ଆବେଦନକାରୀ ଙ୍କ ନାମରେ କୌଣସି ଫୌଜଦାରୀ ମାମଲା ରୁଜୁ ହୋଇନଥିବ |

9. ଆବେଦନକାରୀ ଦରକାସ୍ତ ସହିତ ଫଟୋ ପରିଚୟ ପତ୍ର ଯେପରିକି EPIC/Adhaar/Driving License ର ନକଲ ସଂଲଗ୍ନ କରିବେ |

6/11/18

ତହସିଲଦାର , ସଦର , କଟକ

## ସାଇକେଲ୍ ଷ୍ଟାଣ୍ଡ ( ଅସ୍ଥାୟୀ) ତା-23/11/2018 ଠାରୁ ତା-29/11/2018

| କ୍ରମିକ ନଂ | ସୈରାତ କେସ୍ ନଂ | ଷ୍ଟାଣ୍ଡ ନଂ | ସୈରାତର ନାମ | ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା (ଏକର) | ସରକାରୀ ଧାର୍ଯ୍ୟ ମୂଲ୍ୟ (ଟଙ୍କା) |
|---|---|---|---|---|---|---|---|---|
| 1 | 42/2018-19 | 9 | ଚହଟା ଛକ ପାଖ | ୟୁନିଟ୍ ନଂ - 1 (ଉଦୟନଗର) | 4 | 66, 86, 89,57, 59,60, 58 | Ac.1.800 | 62500.00 |

26/11/18

ତହସିଲଦାର, ସଦର, କଟକ